# ଗରିବଙ୍କ ଉନ୍ନତି ପାଇଁ କାମ କର: ଧର୍ମେନ୍ଦ୍ର

## ଆଇଆଇଟି ଭୁବନେଶ୍ୱରର ୯ମ ପ୍ରତିଷ୍ଠା ଉତ୍ସବ

## ଷ୍ଟାର୍ଟ ଅପ୍ ସେଣ୍ଟର ପାଇଁ ସହାୟତା ଦେବ ତୈଳ ଓ ପ୍ରାକୃତିକ ଗ୍ୟାସ ମନ୍ତ୍ରାଳୟ

ଭୁବନେଶ୍ୱର/ଯାଁଳା ,୧୨।୨(ବ୍ୟୁରୋ): ଦେଶର ଗରିବ ଲୋକଙ୍କ ଅନେକ ସମସ୍ୟାରେ ରହିଛି। ଆଧୁନିକ ଜ୍ଞାନ କୌଶଳର ବ୍ୟବହାର କରି ଏହି ଗରିବ ଲୋକଙ୍କ ଜୀବନର ମାନରେ ଉନ୍ନତି ଆଣିବାକୁ ପ୍ରୟାସ କର। ଏହାବାଦ୍ ଦେଶ ଏବେ ସାମନା କରୁଥିବା ସମସ୍ୟାଗୁଡ଼ିକର ମଧ୍ୟ ନୂଆ ଜ୍ଞାନକୌଶଳ ଜରିଆରେ ସମାଧାନର ରାସ୍ତା କାଢ଼ିବା ଦାୟିତ୍ୱ ହେଉଛି ଆଇଆଇଟିଆନ୍‌ମାନଙ୍କର। ତେଣୁ ଏ ଦିଗରେ ଛାତ୍ରଛାତ୍ରୀମାନେ କାମ କରିବା ଉଚିତ ବୋଲି କେନ୍ଦ୍ର ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି।

ଆଇଆଇଟି ଭୁବନେଶ୍ୱର ନବମ ପ୍ରତିଷ୍ଠା ଦିବସ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶ୍ରୀ ପ୍ରଧାନ କହିଲେ, ସୃଜନଶୀଳତାକୁ ବ୍ୟବହାର କରି ଲୋକଙ୍କ ଜୀବନମାନରେ ଉନ୍ନତି ଆଣିବାରେ ସହାୟତା ଦେବାକୁ ଛାତ୍ରଛାତ୍ରୀଙ୍କୁ ଆହ୍ୱାନ ଦେଇଛନ୍ତି ଶ୍ରୀ ପ୍ରଧାନ। ଆଇଆଇଟିର ଖାଲି ବିଜ୍ଞାନ ଓ ବୈଷୟିକ ଜ୍ଞାନ କ୍ଷେତ୍ର ନୁହେଁ, ଜ୍ଞାନର ପରିଭାଷାକୁ ସାରାବିଶ୍ୱରେ ବ୍ୟାପକ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଉଛି। ଦେଶର ତୈଳ ଓ ପ୍ରକୃତିକ ଗ୍ୟାସର ସ୍ୱଚ୍ଛତା କାରଣରୁ ଆମ ଦେଶର ପ୍ରଗତି ପ୍ରଭାବିତ ହେଉଛି। ଆଇଆଇଟି ଛାତ୍ରଛାତ୍ରୀମାନେ ଦେଶର ନିରନ୍ତର ବିକାଶ ପାଇଁ ପରିବେଶକୁ ସୁରକ୍ଷିତ ରଖିବାର ନୂଆ ରାସ୍ତା ବାହାର କରନ୍ତୁ। ଏଥିଲାଗି ତୈଳ ଓ ପ୍ରାକୃତିକ ଗ୍ୟାସ ମନ୍ତ୍ରାଳୟ ସମସ୍ତ ପ୍ରକାର ଆର୍ଥିକ ସହାୟତା ଯୋଗାଇ ଦେବ ବୋଲି ଶ୍ରୀ ପ୍ରଧାନ ପ୍ରତିଶ୍ରୁତି ଦେଇଥିଲେ।

ଶ୍ରୀ ପ୍ରଧାନ କହିଲେ, ଏବେ ଆଇଆଇଟି ଭୁବନେଶ୍ୱରରେ ଷ୍ଟାର୍ଟ ଅପ ଖୋଲାଯିବାର କାର୍ଯ୍ୟକ୍ରମ ରହିଛି। ଏହା ଦ୍ୱାରା ଦେଶରେ ଅଧିକ ଯୁବକଯୁବତୀ ଉଦ୍ୟୋଗୀ ହୋଇପାରିବେ। ଭୁବନେଶ୍ୱରରେ ଆଇଆଇଟି ଷ୍ଟାର୍ଟଅପ ସେଣ୍ଟରକୁ ମଧ୍ୟ ତୈଳ ଓ ପ୍ରାକୃତିକ ମନ୍ତ୍ରାଳୟ ସମସ୍ତ ସହାୟତା ଯୋଗାଇଦେବ ବୋଲି ମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ।

ଓଡ଼ିଶା ସମ୍ପର୍କରେ ସୂଚନା ଦେଇ ଶ୍ରୀ ପ୍ରଧାନ କହିଲେ, ଏଠି ପ୍ରାକୃତିକ ଧନ ସମ୍ପତ୍ତି ପରିପୂର୍ଣ୍ଣ ରହିଛି। ଏହାର ସଦୁପଯୋଗ କରି ନୂଆ ଉଦ୍ଭାବନ କରନ୍ତୁ। ଯେଉଁଥିରୁ ଦେଶକୁ ଆଗକୁ ନେବାରେ ସାହାଯ୍ୟ କରିବ। ଏଠାର ସଂସ୍କୃତି ଓ ଐତିହ୍ୟ ଉଚ୍ଚକୋଟିର, ଯାହାର ନେତୃତ୍ୱ ଆଇଆଇଟି ନେବା ଦରକାର।

ଆଇଆଇଟି ଭୁବନେଶ୍ୱରର ନିର୍ଦ୍ଦେଶକ ପ୍ରଫେସର ଆର୍. ଭି ରାଜାକୁମାର କହିଲେ, ଦେଢ଼ ବର୍ଷ ମଧ୍ୟରେ ନୂଆ କ୍ୟାମ୍ପସକୁ ଆସିବା ପରେ ଆଇଆଇଟି ଭୁବନେଶ୍ୱର ଅନେକ ଆଗକୁ ଯାଇଛି। ୨୦୧୮ ଶେଷ ସୁଦ୍ଧା ଆଇଆଇଟି ସଂପୂର୍ଣ୍ଣ ଭାବେ ଅରୁଗୁଳ ସ୍ଥାୟୀ କ୍ୟାମ୍ପସକୁ ଉଠି ଆସିବ। ତା ପୂର୍ବରୁ ବିଟେକ୍ ସିଟ୍ ସଂଖ୍ୟା ମଧ୍ୟ ବଢ଼ାଇ ୩୫୦ କରିବାକୁ ଲକ୍ଷ୍ୟ ରଖାଯାଇଛି। ପୂର୍ବରୁ ୧୮୦ ସିଟ୍ ରହିଥିବା ବେଳେ ଗତ ବର୍ଷ ସିଟ୍ ସଂଖ୍ୟା ୨୬୦କୁ ବଢ଼ା ଯାଇଥିଲା। ଏହାବାଦ୍ ଏମ୍‌ଏ ଇନ୍ କମ୍ପ୍ୟୁଟର ସାଇନ୍ସ ଇଞ୍ଜିନିୟରିଂର ନୂଆ ବିଭାଗ ଖୋଲିବାକୁ ଯାଉଛି। ୧୩ଟି ଷ୍ଟାର୍ଟ ଅପ ସେଣ୍ଟର ଖୋଲିବ ବୋଲି ନିର୍ଦ୍ଦେଶକ ସୂଚନା ଦେଇଛନ୍ତି।

ଏହି ଅବସରରେ ମାନବ ସମ୍ବଳ ବିକାଶ ମନ୍ତ୍ରୀ ପ୍ରକାଶ ଜାଭେଡ଼କର ଟେଲିଫୋନ୍ ଜରିଆରେ ଛାତ୍ରଛାତ୍ରୀ ଓ ଶିକ୍ଷକଙ୍କୁ ଉଦ୍‌ବୋଧନ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ନ୍ୟାସନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସାଇନ୍ସ ଏଜୁକେଶନ ଆଣ୍ଡ ରିସର୍ଚ୍ଚ (ନାଇଜର)ର ନିର୍ଦ୍ଦେଶକ ପ୍ରଫେସର ଭି. ଚନ୍ଦ୍ରଶେଖର ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କୁ ନିଷ୍ଠା ଓ ଏକାଗ୍ରତା ସହ ପାଠ ପଢ଼ିବା ସହ ଗବେଷଣାରେ ସହାୟତା ଦେବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ଗବେଷଣା ଓ ଶିକ୍ଷାଦାନ କ୍ଷେତ୍ରରେ ଉତ୍କର୍ଷତା ହାସଲ କରିଥିବା ସ୍କୁଲ ଅଫ୍ ମେକାନିକାଲ ସାଇନ୍ସର ଯୋଗେଶ ଗଣପତି ଭୋମକାର, ସ୍କୁଲ ଅଫ୍ ମେକାନିକାଲ ସାଇନ୍ସର ଡ. ମିହିର ପଣ୍ଡିତ, ସ୍କୁଲ ଅଫ୍ ଇନ୍‌ଫ୍ରାଷ୍ଟ୍ରକଚରର ଡ. ଅରିନ୍ଦମ ସରକାର, ସ୍କୁଲ ଅଫ୍ ହ୍ୟୁମାନିଟି ସୋସିଆଲ ସାଇନ୍ସ ଆଣ୍ଡ ମ୍ୟାନେଜମେଣ୍ଟର ଡ. କୁମକୁମ ମହାନ୍ତିଙ୍କୁ ସମ୍ମାନିତ କରାଯାଇଥିଲା। ଛାତ୍ରଛାତ୍ରୀଙ୍କ ମତାମତକୁ ନେଇ ଏହି ଅଧ୍ୟାପକମାନଙ୍କୁ ସମ୍ମାନିତ କରାଯାଇଥିଲା।

